

ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବନ୍ଧୁଗାଁରେ ବିଏସ୍‌ପି ପକ୍ଷରୁ ରାଲି



ବନ୍ଧୁଗାଁ,୧୮।୩(ଡି.ଏନ୍.ଏ.): କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ବିଏସ୍‌ପି କର୍ମୀ ଜଗଦୀଶ ମହାନନ୍ଦିଆ ସୋମବାର ଏକ ସମାବେଶ କରିଛନ୍ତି । ଏଥିସହ ସାପ୍ତାହିକ ବଜାରରୁ ପଦଯାତ୍ରାରେ ବାହାରି ବିଲାବାଡି, କାନାଗାଁ, ବନ୍ଧୁଗାଁ, ସରପଲୀ, ଦାସିନୀ ପର୍ଯ୍ୟନ୍ତ ଯାଇଥିଲେ । ଏହି ପଦଯାତ୍ରାରେ ପ୍ରାୟ ୧୫ଶହ କର୍ମୀ ସାମିଲ ହୋଇଥିଲେ। ଏଥିରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରୁ ସରୋଜ ନାୟକ, ଯୁଧିଷ୍ଠିର ବାଗ, ପ୍ରମୋଦ କୁମାର ନାୟକ, ସାନ୍ତନୁ ବାଘ, ଭାସ୍କର ସାମଲ, ଡାଲନା ମେଲେକା, ଏନ୍.ପି. ନାଗାଓ ପ୍ରମୁଖ ଥିଲେ । ଆଗାମୀ ନିର୍ବାଚନ ପାଇଁ ଆମ୍ଭେମାନେ ବହୁଜନ ସମାଜ ପାର୍ଟିର ବିଧାୟକ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ସହଯୋଗ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ବୁଝାଇଥିଲେ ।

### ପ୍ରଥମ ଦିନରେ ଦାଖଲ ହେଲାନି ପ୍ରାର୍ଥିପତ୍ର

କୋରାପୁଟ,୧୮।୩(ସ୍ୱ.ପ୍ର): ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ସୋମବାରଠାରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରାର୍ଥିପତ୍ର ଦାଖଲର ପ୍ରଥମ ଦିନରେ କୌଣସୀ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ତଥା କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର ସୂଚନା ଦେଇଛନ୍ତି । ଜିଲାର କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସୋମବାର ଟାଉନ ଥାନା ଅଧିକାରୀ ବାସୁଦେବ ଛତ୍ରୀଆଙ୍କ ନେତୃତ୍ୱରେ ଦେଢ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଅପରାହ୍ନ ୩ ଟା ସୁଦ୍ଧା କେହି ହେଲେ ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ । କେବଳ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମଙ୍କନ ପତ୍ର ଦାଖଲ ନିମନ୍ତେ ଫର୍ମ ନେଇଥିବା ଜଣାପଡିଛି। ସେହିପରି ଜୟପୁର ଓ କୋଟପାଡ ବିଧାନସଭା ଆସନ ନିମନ୍ତେ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ।

### ଗଞ୍ଜେଇ ଜବତ, ୨ ଗିରଫ



ଜୟପୁର,୧୮ ।୩ (ଡି.ଏନ.ଏ/ନି.ପ୍ର): କୋରାପୁଟ ଜିଲା ଜୟପୁର ସଦରଥାନା ପୋଲିସ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଞ୍ଚଳର ଜଗନାଥ ମାଝି (୨୩) ଏବଂ କେଁଗାଁ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ପ୍ରଧାନ (୩୩)। ବାଇକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ ଖବର ପାଇ ସକାଳ ସାଢେ ୬ଟାରେ ସ୍ଥାନୀୟ ଉମୁରୀ ଗ୍ରାମ ନିକଟସ୍ଥ ଏକ ଘରୋଇ ଇଂଜିନିୟରିଂ ପ୍ରତିଷ୍ଠାନ ଛକ ନିକଟରେ ପ୍ରତ୍ୟେକ ବାଇକକୁ ଯାଞ୍ଚ କରିଥିଲା। ପୂର୍ବାହ୍ନ ସାଢେ ୧୧ଟାରେ ଦୁଇଟି ବାଇକ (ଓଡି୦୩-ଏଲ-୬୭୨୮ ଏବଂ ଓଡି-୦୮ଏଚ-୭୬୧୫) ଯୋଗେ ଦୁଇଟି ବସ୍ତାରେ ୩୧କି.ଗ୍ରା ୮୦୦ ଗ୍ରାମ୍ ଏବଂ ୨୩କି.ଗ୍ରା ୮୦୦ ଗ୍ରାମ୍ ସମୁଦାୟ ୫୫ କି.ଗ୍ରା ୬୦୦ ଗ୍ରାମ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଧରିଥିଲା। ଏଥିସହ ୨ ଚାଲାଣକାରୀଙ୍କୁ ଗିରଫ କରିଥିଲା । ଏହି ଗଞ୍ଜେଇ କଳାହାଣ୍ଡି ଜିଲାକୁ ଚାଲାଣ ହେଉଥିବା ଜଣାଯାଇଛି ବୋଲି ଥାନା ଅଧିକାରୀ ଏସ.ଆଇ ଧିରେନ ବେହେରା ପ୍ରକାଶ କରିଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ଅତିରିକ୍ତ ତହସିଲଦାର ଅଶୋକ ମୁଦୁଲି ଉପସ୍ଥିତ ଥିଲେ।

### ପୋଲରେ ଓଲଟିଲା ଟିପ୍ପର

ଦଶମନ୍ତପୁର,୧୮।୩(ଡ଼ି.ଏନ.ଏ)-ସ୍ଥାନୀୟ ଦଶମନ୍ତପୁର ବ୍ଲକର ପିଏଚଡ଼ି କାର୍ଯ୍ୟାଳୟ ସମ୍ମୁଖରେ ଥିବା ଓଣଓସରିଆ ପୋଲରେ ସୋମବାର ଏକ ୧୦ ଚକିଆ ଟିପ୍ପର ଓଲଟି ପଡ଼ିଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଟିପ୍ପର(ଓଡ଼ିଓକେ ୬୬୦୨)ଟି ଦଶମନ୍ତପୁରରୁ ଡୁମ୍ବାଗୁଡ଼ା ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପୋଲ କଡ଼ରେ ଝୁଲିକି ରହିଥିଲା ।

■ କଳ୍ପନାଜଳ୍ପନାର ଘଟିଲା ଅନ୍ତ

# ପୁଣି ରବି ନନ୍ଦଙ୍କୁ ବିଜେଡି କଲା ପ୍ରାର୍ଥୀ

ଜୟପୁର,୧୮ ।୩ (ଡି.ଏନ.ଏ)



ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ଶେଷରେ ଜୟପୁର ବିଧାନସଭା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କୁ ବିଜେଡ଼ି ପ୍ରାର୍ଥୀ କରିଛି । କିଛି ଦିନ ହେବ ଏହି ଆସନ ମହିଳାଙ୍କ ନିମନ୍ତେ ସଂରକ୍ଷିତ ହେଉଥିବା ଚର୍ଚ୍ଚା ଜୋର ଧରିଥିଲା । ଏଥିନିମନ୍ତେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ପତ୍ନୀ ତଥା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷା ଡ ଇନ୍ଦିରା ନନ୍ଦଙ୍କୁ ବିଜେଡି ଟିକେଟ ମିଳିବା ନେଇ ନିଶ୍ଚିତ ବୋଲି ଚର୍ଚ୍ଚା ହେଉଥିଲା । ଏହାକୁ ପୂର୍ବତନ ମନ୍ତ୍ରୀ ନନ୍ଦ ସ୍ୱୀକାର କରିବା ସହିତ ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ବାଚନରେ ଲଢିବା ନେଇ ମନା କରିଥିବା ମଧ୍ୟ କହିଥିଲେ । ଏହିପରି ଗତ ଶନିବାର ୫ଟି ୱାର୍ଡର ମହିଳା ଓ ପୁରୁଷ କର୍ମୀଙ୍କୁ ନେଇ ବିଜେଡିର ଏକ ଦଳୀୟ ବୈଠକ ସ୍ଥାନୀୟ ବେଦିକାଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ପୂର୍ବତନ ମନ୍ତ୍ରୀ ନନ୍ଦ ଏବଂ ତାଙ୍କ ପତ୍ନୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଲଢିବା ନେଇ ପ୍ରସ୍ତୁତ ବୋଲି ରବିଙ୍କ ପତ୍ନୀ ଇନ୍ଦିରା ପ୍ରକାଶ କରିଥିଲେ । କର୍ମୀମାନେ ମହିଳା ପ୍ରାର୍ଥୀଙ୍କୁ କେତଦୂର ଗ୍ରହଣ କରିବେ ସେ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । କିନ୍ତୁ ସୋମବାର ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଏଥିରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୂର୍ବତନ ମନ୍ତ୍ରୀ ନନ୍ଦଙ୍କ ନାମ ଘୋଷଣା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢିଯାଇଛି । ବିଜେଡି ବରିଷ୍ଠ କର୍ମକର୍ତ୍ତା ଏବଂ କର୍ମୀମାନେ ନନ୍ଦଙ୍କ ବାସଭବନରେ ପହଞ୍ଚି ଆଗାମୀ ନିର୍ବାଚନ ନିମନ୍ତେ ରଣ କୌଶଳ ଆରମ୍ଭ କରିଛନ୍ତି ।

ଜୟପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୧୯୯୫ରେ ଜନତା ଦଳରୁ ଟିକେଟ ପାଇ ପୂର୍ବତନ ମନ୍ତ୍ରୀ ରବି ନନ୍ଦ ହାରିଥିଲେ । କିନ୍ତୁ ୨୦୦୦ରେ ବିଜୟୀ ହୋଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏବଂ କିଛି ଦିନପରେ ଜଳସମ୍ପଦ ରାଷ୍ଟ୍ର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୨୦୦୪ରେ ପୁଣି ବିଜୟୀ ହୋଇ ଜଳସମ୍ପଦ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ । କିନ୍ତୁ ୨୦୦୬ରେ ଏକ ବିବାଦିୟ ପରିସ୍ଥିତିରେ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେବାକୁ ପଡିଥିଲା । ପୁଣି ୨୦୦୯ରେ ନିର୍ବାଚନରେ ବିଜୟୀ ହୋଇଥିଲେ । କିନ୍ତୁ ୨୦୧୨ରେ ତାଙ୍କୁ ଗଣଶିକ୍ଷା ବିଭାଗର ସ୍ୱାଧିନ ଭାବେ ରାଷ୍ଟ୍ରମନ୍ତ୍ରୀ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ୨୦୧୪ରେ ସେ ପରାଜିତ ହୋଇଥିଲେ ।

# ୨୨ ଯାଏ ଝଡ଼ବର୍ଷା

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ରବିବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଝଡ଼ବର୍ଷା ହୋଇଛି। ଏଥିଯୋଗୁ ରାଜ୍ୟରେ ଥଣ୍ଡା ପାଗ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୪୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝର ୨୪.୨, ସମ୍ବଲପୁର ୨୯, ହୀରାକୁଦ ୨୩.୬, ବାଲେଶ୍ୱର ୧୦.୪, ଅନୁଗୋଳ ୧.୮, ବାରିପଦା ୧୫.୬, ଝାରସୁଗୁଡ଼ା ୭.୭, ସୁନ୍ଦରଗଡ଼ ୬, ତାଳଚେର ୭, ଫୁଲବାଣୀ ୧୯.୮, ଟିଟିଲାଗଡ଼ ୭.୬ ଏବଂ ସୋନପୁରରେ ସର୍ବାଧିକ ୩୧.୪ ଡିଗ୍ରୀ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଝଡ଼ବର୍ଷା ଯୋଗୁ ପାଗରେ ହଠାତ ପରିବର୍ତ୍ତନ ହୋଇଛି। ଉଭୟ ରାତି ଓ ଦିନର ପାରଦ ତଳମୁହାଁ ହୋଇଛି। ସୋମବାର ଦିନର ସର୍ବୋଚ୍ଚ ତାପମାତ୍ରା ୨୫ରୁ ୩୪ ଡିଗ୍ରୀ ମଧ୍ୟରେ ରହୁଛି। ରାତିରେ ୧୫ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ଏଭଳି ଥଣ୍ଡା ପାଗ ଆସନ୍ତା ୨୨ ତାରିଖ ଯାଏ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଓ ଦକ୍ଷିଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡା, କେନ୍ଦୁଝର, ଢେଙ୍କାନାଳ, ସମ୍ବଲପୁର, ଅନୁଗୋଳ, ଦେବଗଡ଼, ବରଗଡ଼, ଝାରସୁଗୁଡା, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀଜନିତ ଝଡ଼ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ଓ ୨୨ ତାରିଖରେ ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

# ପ୍ରଧାନଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ତାଲିମ ଶିବିର

କୋରାପୁଟ, ୧୮।୩(ସ୍ୱ.ପ୍ର )

କୋରାପୁଟ ଜିଲାରେ ମଙ୍ଗଳବିଭାଗ ଅଧିନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ ଓ ମାଟ୍ରନମାନଙ୍କୁ ନେଇ ଏକ ୩ ଦିନିଆ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କୋରାପୁଟସ୍ଥିତ କୋଟସ ସଭାଗୃହରେ ଆୟୋଜିତ ଏହି ଶିବିରରେ କୋରାପୁଟ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ଆଇନ ସହାୟତା ଓ ଶିକ୍ଷା ଉପରେ ତାଲିମ ଦିଆଯିବ । ଶିବିରର ପ୍ରଥମ ଦିନରେ ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ୪୦ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସୁପରିଣ୍ଟେଣ୍ଡେଣ୍ଟ ଓ ମାଟ୍ରନମାନଙ୍କୁ ବାଳିକା ଯୌନ ନିର୍ଯାତନା ଆଇନ , ପୋସ୍କୋ ଆଇନ, ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।



ଶିବିରରେ ଯୋଗଦେଇଥିବା ପ୍ରଧାନଶିକ୍ଷକ, ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟମାନେ ।

# ଶ୍ରୀ ମଦନମୋହନଙ୍କ ଚାଚେରୀ ଯାତ୍ରା



ରାଧାକୃଷ୍ଣଙ୍କୁ ବିମାନରେ ନଗର ପରିକ୍ରମା କରାଯାଉଛି ।

ଦାମନଯୋଡ଼ି,୧୮।୩ (ସ୍ୱ.ପ୍ର.)

ମାଥାଲପୁଟର ଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ନାଲକୋ ଟାଉନସିପ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଶ୍ରୀ ମଦନମୋହନଙ୍କ ଚାଚେରି ଯାତ୍ରା ଫଗୁ ଦଶମୀରୁ ଆରମ୍ଭ ହୋଇଛି। ଶ୍ରୀ ଜଗନ୍ନାଥ ମନ୍ଦିରରୁ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇ ନଗର ପରିକ୍ରମା କରାଯାଉଛି। ଶ୍ରଦ୍ଧାଳୁମାନେ ନିଜ ଘର ଆଗରେ ଦୀପ,ଧୂପ ଦେଇ ଭୋଗ ଲାଗି କରାଉଛନ୍ତି । ମନ୍ଦିର ପୂଜକ ଅଜୟ କୁମାର ପଣ୍ଡା, ବିଜୟ କୁମାର ପଣ୍ଡା, କୈଳାସଚନ୍ଦ୍ର ପଣ୍ଡା, ପ୍ରଭାତ କୁମାର ରଥ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଗୌଡ଼ଗୁଡ଼ା ଗ୍ରାମର ସଦନ ଗୌଡ଼ ଓ ସାଥୀ ସହଯୋଗ କରିଛନ୍ତି । ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସମ୍ପାଦକ ସୁକାନ୍ତ କୁମାର ଦାସ, ସୁଶାନ୍ତ କୁମାର ଦାଶ,ଦେବବ୍ରତ ସାହୁ, ରବୀନ୍ଦ୍ରନାଥ ସାମଲ,ସଦାଶିବ ବେହେରା, ଅଶୋକ ମହାନ୍ତି,ଖଦାଳ ନାୟକ, ଶିଶିର ପରିଡ଼ା, ସଞ୍ଜୟ ସାହୁ, ଅନାମଚରଣ ନାୟକ, ଖଗେଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରୁଛନ୍ତି । ସେହିପରି ମାଥାଲପୁଟ ରାଧାକୃଷ୍ଣ ମନ୍ଦିର ଚାଚେରୀ ଯାତ୍ରାରେ ପୂଜକ ପ୍ରତାପ ପଣ୍ଡା ଓ ପ୍ରଣୟ ଦେବତ୍ତା ପୂଜା କାର୍ଯ୍ୟ ତୁଲାଉଛନ୍ତି। କମିଟି ତରଫରୁ କାଳୀପ୍ରସାଦ ପାଟଯୋଶୀ, ଆକୁଳ ଜେନା, ହରିବନ୍ଧୁ ବିଶ୍ୱାଳ,ମୋଚିରାମ ବେହେରା ପ୍ରମୁଖ ପରିଚାଳନା କରଥିଲେ ।

# ପରୀକ୍ଷାରେ ଠିକ୍ ଉତ୍ତର କହି ନ ପାରିବାରୁ ଛାତ୍ରୀଙ୍କୁ ମାଡ଼

ବୈପାରୀଗୁଡା,୧୮।୩ (ଡି.ଏନ୍.ଏ)



ନୀଳେନ୍ଦ୍ରି ନାୟକ।

ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ କୌଣସି ପ୍ରକାର ଶାରୀରିକ ଦଣ୍ଡ ନ ଦେବାର ନିୟମ ରହିଛି । ଏଥିସହ ପ୍ରତ୍ୟେକ ବିଦ୍ୟାଳୟ କାନ୍ଥରେ ଦଣ୍ଡମୁକ୍ତ ଇଲାକା ବୋଲି ଲେଖାଯାଉଛି । କିନ୍ତୁ ପରୀକ୍ଷାରେ ଠିକ୍ ଉତ୍ତର ଦେଇ ନ ପାରିବାରୁ ଜଣେ ଛାତ୍ରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏପରି ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତ ଟାଙ୍ଗିଣିଗୁଡାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ।

ପ୍ରକାଶ ଯେ, ସୋମବାର ଉକ୍ତ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ ପିଲାଙ୍କର ପରିବେଶ ବିଜ୍ଞାନ ମୌଖିକ ପରୀକ୍ଷା ଥିଲା । ଛାତ୍ରୀ ନିଳେନ୍ଦ୍ରି ନାୟକଙ୍କୁ ଜଣେ ସହକାରୀ ଶିକ୍ଷୟିତ୍ରୀ ପ୍ରଶ୍ନ ପଚାରିଥିଲେ । ଉକ୍ତ ଛାତ୍ରୀ ଜଣକ ଏକ ପ୍ରଶ୍ନର ଉତ୍ତର ଭୁଲ କହିବାରୁ ଶିକ୍ଷୟିତ୍ରୀ ଜଣଙ୍କ ଛାତ୍ରୀଙ୍କୁ ନିସ୍ଠୁର ମାଡ ମାରିଥିଲେ । ଛାତ୍ରୀଙ୍କର ହାତ ଫୁଲିଯିବା ସହ ପିଠିରେ ମାଡ ଚିହ୍ନ ସବୁ ରହିଛି । ଘରକୁ ଫେରିବା ପରେ ଛାତ୍ରୀ ଜଣଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ପରେ ତାଙ୍କର ବଡଭାଇ ଜଗନ୍ନାଥ ନାୟକଙ୍କ ସମେତ କିଛି ଅଭିଭାବକ ବ୍ଲକ ଶିକ୍ଷାଧିକାରୀ ସୁଧିର ଚନ୍ଦ୍ର ରଥଙ୍କ ନିକଟରେ ଅଭିଯୋଗ କରିଥିଲେ । ଉକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସେମାନେ ଦାବି କରିଥିଲେ । ବ୍ଲକ ଶିକ୍ଷାଧିକାରୀ ଶିକ୍ଷୟିତ୍ରୀଙ୍କୁ ଡ଼ାକି ତାଗିଦ୍ କରିଥିଲେ । ତେବେ ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ ସେ ଏ ସମ୍ପର୍କରେ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଶିବସେନା କର୍ମୀ ସମ୍ମିଳନୀ

ଛତ୍ରପୁର,୧୮।୩(ଡି.ଏନ.ଏ.)

ଛତ୍ରପୁରସ୍ଥିତ ମା' ଉଜ୍ଜ୍ୱଳେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଗଞ୍ଜାମ ଜିଲା ଶିବସେନା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପାଲୁର ଅଞ୍ଚଳର ଯୁବଗୋଷ୍ଠୀ ଶିବସେନା ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିଲେ । ଏମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ରାଜ୍ୟ ପ୍ରବକ୍ତା ବ୍ରହ୍ମଚାରୀ ତେଜମୟ ସ୍ୱରୂପ, ଶିବସେନା ଗଞ୍ଜାମ ଜିଲା ପ୍ରମୁଖ ସନାତନ ଚୌଧୁରୀ, ଯୁବସେନା ପ୍ରମୁଖ ପି. ତୁଳସେୟା ରେଡ୍ଡୀ, ପପୁନ୍ ପାଣିଗ୍ରାହୀ, ମହେଶ ବିଷୋୟୀ ଓ ନିରାକର ସାହୁ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏଥିସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ପ୍ରମୁଖ ରାଜେଶ ମହାରଣା, ସୀମାଞ୍ଚଳ ନାୟକ, ରୂପେଶ କୁମାର, ଦୀପକ ଆଚାର୍ଯ୍ୟ, ପ୍ରଭାକର ଜେନା, ପାଲୁର ଅଞ୍ଚଳର ରବୀନ୍ଦ୍ର କୁମାର ବେହେରା, ଜେ. ସନ୍ନ୍ୟାସୀ, ଜେ. ବୁଦ୍ଧିଆ ଓ ବି. ତ୍ରିନାଥ ପ୍ରମୁଖ ଯୋଗ ଦେଇଥିଲେ ।

# ବସରୁ ଗଞ୍ଜେଇ ଜବତ,୪ ଗିରଫ

ପଟ୍ଟାଙ୍ଗି,୧୮।୩(ଡି.ଏନ.ଏ)

ମାଲକାନଗିରି ଜିଲା ସଦର ମହକୁମାରୁ ଭଞ୍ଜନଗର ଯାଉଥିବା ଏକ ସରକାରୀ ଯାତ୍ରୀ ବାହି ବସରୁ ଆନ୍ଧ୍ରପ୍ରଦେଶର ସାଲୁରଘାଟି ନିକଟରୁ ପାସପେଣ୍ଡା ପୋଲିସ ୮ଟି ବ୍ୟାଗରୁ ୩୫ କିଲୋ ଗଞ୍ଜେଇ ଜବତ କରିଛି । ଏଥିସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଲକାନଗିରି ଜିଲାର କମୁଲୁ ପାଙ୍ଗି , ରାମ ମୂର୍ତ୍ତୀ ଖରା , ଗଦା ହାବୁ ଓ ଲକ୍ଷ୍ମଣ ଦୋରା । ବସଟି ମାଲକାନଗିରିରୁ ବାହାରି ଜୟପୁର , କୋରାପୁଟ , ସୁନାବେଡା , ସେମିଳିଗୁଡା , ପଟ୍ଟାଙ୍ଗି ଓ ସୁଙ୍କି ଆଦି ସ୍ଥାନ ଦେଇ ଆନ୍ଧ୍ରକୁ ପ୍ରବେଶ କରୁଥିଲା । ପାସପେଣ୍ଡା ପୋଲିସ ସାଲୁର ଘାଟି ନିକଟରେ ଯାନବାହନ ଯାଞ୍ଚ କରୁଥିବା ବେଳେ ଉକ୍ତ ବସରୁ ଗଞ୍ଜେଇକୁ ଜବତ କରିଥିଲା । ଏନେଇ ପୋଲିସ ଏକ ମାମଲା (୫୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଏସ ଆଇ ଏ ସନ୍ୟାସୀ ନାଇଡୁ ପ୍ରକାଶ କରିଛନ୍ତି । ଏଥିସହ ବସରୁ କିଛି ଚୋରା ସାମଗ୍ରୀ ଜବତ କରିଥିବା ଜଣାଯାଇଛି । ଓଡିଶା ର ଉପରୋକ୍ତ ସ୍ଥାନ ଦେଇ ବସଟି ଯାଇଥିଲେ ମଧ୍ୟ ପୋଲିସ କିପରି ଜାଣିପାରିଲା ନାହିଁ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

# ନକଲି ମଦ ପ୍ରସ୍ତୁତ ବେଳେ ଚଢାଉ , ଜଣେ ଗିରଫ

ଜୟପୁର,୧୮ ।୩ (ଡି.ଏନ.ଏ/ନି.ପ୍ର)

ସ୍ଥାନୀୟ ସାନକାଉଡି ଗ୍ରାମର ଏକ ଭଡ଼ା ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ ବେଳେ ଜୟପୁର ସଦରଥାନା ପୋଲିସ ଚଢାଉ କରିଛି। ସେଠାରୁ୧୮୦ ବୋତଲ ସମୁଦାୟ ୩୦ ଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଉକ୍ତ ଗ୍ରାମର ରମା ହାଲବା(୪୦) । କୌଣସି ସୂତ୍ରରୁ ଖବର ପାଇ ପୋଲିସ ରମାଙ୍କ ଘର ଉପରେ ଚଢାଉ କରିଥିଲା ।

■ ଦକ୍ଷିଣ ଭାରତରେ ଫସିଛନ୍ତି

# ୪ ପଞ୍ଚାୟତର ୨ ହଜାର ଶ୍ରମିକ

କୁନ୍ଦୁରା,୧୮।୩(ଡ଼ି.ଏନ.ଏ)

ଏମଜିଏନଆରଇଜିଏରେ ବିଭିନ୍ନ କାର୍ଯ୍ୟ ଶ୍ରମିକମାନଙ୍କ ଦ୍ୱାରା କରାଯିବା ନେଇ ନିୟମ ରହିଛି । ହେଲେ ଜିଲା ବ୍ଲକ ଏବଂ ପଞ୍ଚାୟତସ୍ତରରେ ରହିଥିବା ଅଧିକାରୀମାନେ ନିୟକୁ ଉଲ୍ଲଂଘନ କରି ମେଶିନ ଦ୍ୱାରା ରାତାରାତି କାର୍ଯ୍ୟ କରୁଛନ୍ତି । ଯାଦ୍ୱାରା ଗ୍ରାମାଞ୍ଚଳଗୁଡ଼ିକରେ ଶ୍ରମିକ ଶ୍ରେଣୀର ଲୋକେ ୧୦୦ ଦିନିଆ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ବର୍ତ୍ତମାନ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଫଶିଥିବା ଦେଖିବାକୁ ମିଳିଛି । ଅବିଭକ୍ତ କୋରାପୁଟ ଜିଲାର କିଛି ସ୍ଥାନରେ ଦଲାଲମାନେ ପ୍ରତି ଶ୍ରମିକ ପିଛା କମିଶନ ମିଳିବା ଆଶାରେ ଗାଁ ଗାଁ ବୁଲି ଶ୍ରମିକମାନଙ୍କୁ ପ୍ରଲୋଭିତ କରି ଦକ୍ଷିଣ ଭାରତର ବିଭିନ୍ନ ଅଞ୍ଚଳ, ହାଇଦ୍ରାବାଦ,କେରଳ, ତାମିଲନାଡୁ,ୱାଲଟର ଭଳି ଅଞ୍ଚଳରେ କାର୍ଯ୍ୟ କରିବା ନିମନ୍ତେ ନେଉଛନ୍ତି । ବର୍ତ୍ତମାନ ସେଠାରେ ନିର୍ଯାତିତ ହୋଇ ଖାଇବାକୁ ନ ପାଇ ଫସିଛନ୍ତି । କୁନ୍ଦୁରା ବ୍ଲକ ଆସନା, ଫୁଲଭଟ୍ଟା,କେରିମିଟି ଏବଂ ବାଗଦେରୀ ପଞ୍ଚାୟତର ଶ୍ରମିକମାନେ ଦକ୍ଷିଣ ଭାରତରେ ଫସି ରହିଥିବା ବେଳେ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜୟପୁର ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ ଏବଂ ଆଇପିଏସ ସାଗରିକା ନାଥଙ୍କ ସହାୟତାରେ ଗତ ୧୭ ତାରିଖରେ ୨୬ ଜଣ ଘରକୁ ଫେରିଛନ୍ତି । କିନ୍ତୁ ବର୍ତ୍ତମାନ ଉକ୍ତ ୪ ପଞ୍ଚାୟତର ପ୍ରାୟ ୨୦୦୦ ମହିଳା ପୁରୁଷ ଶ୍ରମିକ ଗତ ଜାନୁୟାରୀରୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ଯାତନାର ଶୀକାର ହେଉଛନ୍ତି । ପାଖରେ ଟଙ୍କା ନ ଥିବାରୁ ଫେରି ପାରୁ ନ ଥିବା ୱାର୍ଡମେମ୍ବର ରାଧା ଖିଲ, ଗୁରୁନାଥ ସିସିଆ,ରୁବେନ ଦୁର୍ଗା ଏବଂ ବେଣୁ ସାଆନ୍ତ ପ୍ରକାଶ କରିଛନ୍ତି । ଏନେଇ କୁନ୍ଦୁରା ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ପ୍ରତାପ ନାୟକଙ୍କୁ ପଚାରିବାରୁ, କିଛି ରାସ୍ତା କାର୍ଯ୍ୟରେ ମେଶିନ ମୋରମ ଖୋଳୁଥିବା ବେଳେ ଟ୍ରାକ୍ଟରରେ ବୁହାହୋଇ ରାସ୍ତା ପାଖକୁ ନିଆଯିବା ପରେ ଶ୍ରମିକମାନଙ୍କ ଦ୍ୱାରା ବିଛା ଯାଇଥାଏ । ସେଭଳି ମେଶିନରେ କାର୍ଯ୍ୟ ହୋଇଥିବା ମୋ ନଜରକୁ ଆସନାହିଁ ବୋଲି ସେ କହିଛନ୍ତି ।

■ ଅନ୍ଧବିଶ୍ୱାସ: ଗାଁ ଦେବତାଙ୍କୁ ଘୁଞ୍ଚାଇବାରୁ ବ୍ୟାପିଛି ଝାଡ଼ାବାନ୍ତି

# ଗ୍ରାମରେ ପୂଜାର୍ଚ୍ଚନା,ଘରେ ପୋତାଗଲା ଲୁହାକଣ୍ଟା

ଦଶମନ୍ତପୁର, ୧୮।୩(ଡି.ଏନ.ଏ.)



ଗାଁରେ ପୂଜା ପାଉଥିବା ନିଶାଣିମୁଣ୍ଡା ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ପଞ୍ଚାୟତରେ ପଦାବାଗ୍ରୀ ଗ୍ରାମରେ କିଛି ଦିନ ହେବ ଝାଡାବାନ୍ତି ବ୍ୟାପୀବାରେ ଲାଗିଛି । ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମର ଦେବତାଙ୍କୁ ଘୁଞ୍ଚାଇବାରୁ ଝାଡ଼ାବାନ୍ତି ଲାଗି ରହିଥିବା ଗ୍ରାମବାସୀ ପ୍ରକଶ କରିଛନ୍ତି ।

ମୁର୍କାର ପଞ୍ଚାୟତ ଆଉଟଦୋରା ଗ୍ରାମର ଦିଶାରୀଙ୍କ କହିବାନୁସାରେ, ଏହି ଗ୍ରାମରେ ପୁରୁଷ ପୁରୁଷ ଧରି ଗ୍ରାମରେ ଥିବା ଡାଳଖାଇ, ନିଶାଣୀମୁଣ୍ଡା, ନଦୀର ଦେବତା ପୂଜାପାଇ ଆସୁଥିଲେ । ଗାଁରେ ଚାଷକାର୍ଯ୍ୟ ହେଉ ବା ଗାଁରେ କାହାକୁ ରୋଗ ଜ୍ୱର ହେଲେ ମା'ଙ୍କ ଆସନରେ ଯାଇ ପୂଜାପାଠ କଲେ ଚାଷ ଭଲ ହେବା ସହ ଗାଁରେ କୌଣସି ରୋଗ ଦେଖାଦେଇ ନ ଥାଏ ବୋଲି ଦିଶାରୀ ଭାଗୀରଥି କମାର ପ୍ରକାଶ କରିଛନ୍ତି। ଏତିକି ନୁହେଁ ଦଶହରା ସମୟରେ ଯଦି ଗ୍ରାମର କେହି ଲୋକେ ବାହାରୁ ଆସନ୍ତି, ପ୍ରଥମେ ସେ ଉକ୍ତ ଆସନରେ ଯାଇ ଏହି ୩ ଦେବତାଙ୍କୁ ପୂଜା କରି ଗାଁରେ ପ୍ରବେଶ କରିଥାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପରମ୍ପରାକୁ ଗ୍ରାମବାସୀ ମାନିଆସୁଥିଲେ । ୨ମାସ ତଳେ ମୁଦୁଲିଘାଟ ନଦୀରେ ଏକ ପୋଲ ନିର୍ମାଣ କରାଯାଉଥିଲା । ପଥରେ ରହି ପୂଜା ପାଉଥିବା ଦେବତାକୁ ଜେସିବି ଲଗାଇ ଘୁଞ୍ଚାଇ ଦିଆଯାଇଥିଲା। ସେହିଦିନଠାରୁ ଆମ ଗାଁ ଲୋକଙ୍କୁ ଭିନ୍ନ ଭିନ୍ନ ସ୍ୱପ୍ନ ଆସିବାକୁ ଲାଗିଲା । ଆମ ଦେବତାଙ୍କୁ କାହିଁକି ଘୁଞ୍ଚାଇଲ ବୋଲି ଗ୍ରାମବାସୀ ପ୍ରଶ୍ନ କରିବା ସହ କାର୍ଯ୍ୟ ବନ୍ଦ କରିଦେଇଥିଲେ। ସେହିଦିନଠାରୁ ଗ୍ରାମରେ ଝାଡ଼ାବାନ୍ତି ଲାଗି ରହିବା ସହ ଲୋକଙ୍କ ମୃତ୍ୟୁ ହେଉଛି । ଏନେଇ ଗାଁ ଲୋକେ ଏବଂ ଦିଶାରୀ କମାରଙ୍କୁ ନେଇ ଏକ ବୈଠକ କରାଯାଇଥିଲା । ଗତ ଶନିବାର ରାତି ପ୍ରାୟ ୧୨ଟାରେ ୩ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଗାଁର ପ୍ରାୟ ୩୦୦ ଘର ଦାଣ୍ଡରେ ମା'ଙ୍କୁ ସୁମରଣା କରାଯାଇ ପ୍ରତ୍ୟେକଙ୍କ ଘରେ ଦେବତାଙ୍କ ନାଁରେ ଲୁହାକଣ୍ଟା ପୋତା ଯାଇଛି । ବର୍ତ୍ତମାନ ଦେବତାଙ୍କୁ ଉକ୍ତ ଆସନରେ ସ୍ଥାପିତ କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିବା ଗ୍ରାମର ଲିଙ୍ଗା ପରଜା, ବୈପାରୀ ମୁଦୁଲି,ବେଣୁ ଜାନି, ଚିତ୍ରସେନ ବାଘ, ଧନଶର ବାଘ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ପିପୁଲ୍ସ ଟାସ୍କ ଫୋର୍ସର ବୈଠକ



ଗୁଣପୁର,୧୮।୩(ଡି.ଏନ.ଏ)ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସଚେତନ କରାଯିବା ନେଇ ଏକ ବୈଠକ ସୋମବାର ଗୁଣପୁରର ଏକ ଲଜ୍‌ରେ ଅନୁଷ୍ଠିତ ହୋଇଛି। ପିପୁଲସ ଟାସ୍କ ଫୋର୍ସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ କୈଳାସ ମିଶ୍ର ଏବଂ ଜିଲା ଅଧକ୍ଷ ବାଦଲ ତା ଯୋଗଦେଇଥିଲେ। ଗୁଣପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଆସିଥିବା ଟାସ୍କ ଫୋର୍ସ କର୍ମୀମାନେ ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ନିକଟତର କରିବାକୁ ଅତିଥିମାନେ କର୍ମୀଙ୍କୁ କହିଥିଲେ।

### ୧୩୯ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର

ଆର.ଉଦୟଗିରି,୧୮।୩ (ଡି.ଏନ.ଏ.)- ଆର.ଉଦୟଗିରି ପୋଲିସ ସୋମବାର ନୂଆଗଡ଼ ବ୍ଲକର ଅନୁଗୁରୁ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ପାଟ୍ରୋଲିଂ କରି ଥାନାକୁ ଫେରୁଥିବା ବେଳେ ଜୟପୁର ଓ ଚେଡ଼ିପଦର ରାସ୍ତାରେ ଦୁଇଟି ଅଖାରୁ ୧୩୯ କେଜି ଗଞ୍ଜେଇ ଜବତ କରିଛି। ଜୟପୁର ଗ୍ରାମର ଜୁନେଶ ରଇତ ୨ଟି ଅଖାରେ ଗଞ୍ଜେଇ ଧରି ଗାଡ଼ିକୁ ଅପେକ୍ଷାରେ କରୁଥିଲେ। ଏହି ସମୟରେ ପୋଲିସକୁ ଦେଖି ଗଞ୍ଜେଇ ଭର୍ତ୍ତି ଅଖାକୁ ଛାଡ଼ି ଦୌଡ଼ି ପଳାଇଥିଲେ। ପରେ ଅଖାକୁ ଯାଞ୍ଚ କରାଯାଇ ସେଥିରେ ଥିବା ଗଞ୍ଜେଇ ଜବତ କରିବା ସହ ନଂ. ୨୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏଥିରେ ଥାନାଧିକାରୀ କୁଳମଣୀ ସେଠୀ, ଏସ୍‌ଆଇ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ପୋଲିସ କର୍ମଚାରୀ ସାମିଲ ଥିଲେ ।

### ହତ୍ୟା ଉଦ୍ୟମ ମାମଲା ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୧୮।୩(ଡି.ଏନ.ଏ.)-ପାଟପୁର ପୋଲିସ ସୋମବାର ଗୁଣସାଗର ଗ୍ରାମର ଦୀନବନ୍ଧୁ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ପାରିବାରିକ କଳହକୁ କେନ୍ଦ୍ରକରି ଦୀନବନ୍ଧୁ ତାଙ୍କ ସଢୁ ଦିବାକର ନାହାକଙ୍କୁ ଛୁରି ଭୂଷି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ. ୬୧/୧୯ରେ ମାମଲା ରୁଜୁ କରି ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ଦୀନବନ୍ଧୁ ଗାଁରେ ରହୁଥିବା ତାଙ୍କ ସଢୁ ଦିବାକରଙ୍କ ଘରକୁ ଯାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଏକ ଛୁରିରେ ଦିବାକରଙ୍କ ପେଟ ଓ ଛାତିକୁ ଭୁଷିଦେବା ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଦିବାକରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା କରାଯାଉଛି। ଦିବାକରଙ୍କ ସ୍ତ୍ରୀ ଇନ୍ଦିରାଙ୍କ ଏତଲାକ୍ରମେ ମକଦ୍ଦମା ରୁଜୁ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରିତୀମଞ୍ଜରୀ ଗରନାୟକ କହିଛନ୍ତି।

### ଗୋଆ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ସ୍ମୃତିସଭା

ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.)- ଭାଜପାର ବରିଷ୍ଠ ନେତା ତଥା ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗରେ ଗଜପତି ଜିଲା ଭାଜପା ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ସୋମବାର ପାରଳାଖେମୁଣ୍ଡିଠାରେ ଆୟୋଜିତ ଶୋକ ସଭାରେ ଦିବଙ୍ଗତ ନେତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନଟ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଗୋଆରେ ଭାଜପା କିପରି ସରକାର ଗଢିବାକୁ ସମର୍ଥ ହୋଇଥିଲା ଏବଂ ସେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ କିଭଳି ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ ସେନେଇ ଜିଲା ଭାଜପା ସଭାପତି ଜି.ଭେଙ୍କଟରାବଣା, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଉପସଭାପତି ଅରୁଣ ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ■ ପ୍ରାର୍ଥୀ ତାଲିକା ଘୋଷଣା ପରେ ପଦାକୁ ଆସିଲା ଅସନ୍ତୋଷ

# ଜିଲା ବିଜେଡି କାର୍ଯ୍ୟାଳୟରେ ଭଙ୍ଗାରୁଜା

ପାରଳାଖେମୁଣ୍ଡି,୧୮।୩(ସ୍ୱ.ପ୍ର.)

ପ୍ରାର୍ଥୀ ତାଲିକା ଘୋଷଣା ପରେ ଗଜପତି ଜିଲା ପାରଳାଖେମୁଣ୍ଡି ବିଜେଡିରେ ଅସନ୍ତୋଷ ଦେଖାଦେଇଛି। ସୋମବାର ପାରଳାଖେମୁଣ୍ଡିସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ କେତେକ କର୍ମୀ ହଟ୍ଟଗୋଳ କରିବା ଓ ବ୍ୟାନର ପୋଡିବା ସହ କିଛି ସାମଗ୍ରୀ ଭଙ୍ଗାରୁଜା କରିଛନ୍ତି। ନିଜ ନେତାଙ୍କୁ ପ୍ରାର୍ଥୀ କରା ନ ଯିବା ପ୍ରତିବାଦରେ ସେମାନେ ଏଭଳି କାଣ୍ଡ ଭିଆଇଛନ୍ତି। କେତେଜଣ ବରିଷ୍ଠ ନେତା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପକ୍ଷେ ପାରଳାଖେମୁଣ୍ଡି ବିଧାନସଭା



ବିଜେଡି କର୍ମୀ ଓ ସମର୍ଥକମାନେ ବ୍ୟାନର ପୋଡିବା ସହ ହୋହଲ୍ଲା କରୁଛନ୍ତି ।

ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ କଲ୍ୟାଣୀ ଗଜପତିଙ୍କ ନାମ ଘୋଷଣା ହେବା ପରେ ତାଙ୍କ ସମର୍ଥକମାନେ ଖୁସି ମନାଇଛନ୍ତି। ସବୁ ବର୍ଗର ଲୋକଙ୍କ ବିକାଶ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏଠାରୁ ଟିକେଟ ପାଇବା ପାଇଁ ଦଳର ଅନେକ ନେତା ଆଶା ବାନ୍ଧିଥିଲେ। ଏବେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ତେଣୁ ସେମାନଙ୍କ ସମେତ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଏହା ଉଗ୍ର ରୂପ ନେଇପାରେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଏ ନେଇ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କୁ ପଚାରିବାରେ କହିଛନ୍ତି ଯେ, ପାରଳାଖେମୁଣ୍ଡି କି ଜିଲା ବିଜେଡିରେ କୌଣସି ଅସନ୍ତୋଷ ନାହିଁ। ସମସ୍ତ କର୍ମୀ ଦଳର ମୁଖ୍ୟଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତି। ଜିଲା ଦଳୀୟ କାର୍ଯ୍ୟାଳୟରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ।

## ସ୍ୱାବଲମ୍ବୀ ହେବା ପାଇଁ ମହିଳାଙ୍କୁ ସିଲେଇ ତାଲିମ

ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ମହିଳାମାନଙ୍କ ନିମନ୍ତେ ସିଲେଇ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଅତିଥି ଭାବେ ଜିଲା ନାବାର୍ଡ ଅଧିକାରୀ ଏସ୍‌.ପାଲ, ଜିଲା ଅଗ୍ରଣୀ ବ୍ୟାଙ୍କ ବିଭାଗର ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀମାନେ କଠିନ ପରିଶ୍ରମ କଲେ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଅତିଥିମାନେ କହିବା ସହ ପ୍ରଶିକ୍ଷଣ ସମୟରେ ଧୈର୍ଯ୍ୟ, ଏକାଗ୍ରତ ଓ ଶୃଙ୍ଖଳିତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୮ଜଣ ମହିଳା ଯୋଗଦେଇଥିବାବେଳେ ୩୦ଦିନ ଧରି ପ୍ରଶିକ୍ଷଣ ନେବେ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ପାଠ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

## ■'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

# ରାଜ୍ୟ ବିକାଶରେ କେନ୍ଦ୍ର ବାଧକ

ରାୟଗଡା ଅଫିସ, ୧୮।୩

ରାୟଗଡ ସହରର ଶାରଳା ଛକ ନିକଟରେ ସୋମବାର ସନ୍ଧ୍ୟାରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଜିଲା ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ସଭାପତି ଲାଲବିହାରୀ ହିମିରିକା ଯୋଗ ଦେଇଥିଲେ। ଓଡିଶାର ବିକାଶରେ କେନ୍ଦ୍ର ବାଧକ ସାଜୁଛି ବୋଲି ସେ କହିଥିଲେ। ତେଣୁ ବିଜେଡି ରାଜ୍ୟବାସୀଙ୍କ ପାଖରେ ପହଞ୍ଚି ହକ୍ ମାଗୁଛି ବୋଲି ସେ କହିଥିଲେ। ସେହିପରି ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା କେନ୍ଦ୍ର କେବେ ପ୍ରଦାନ କରିବ, ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବା, ସମ୍ବଲପୁର-କଟକ, ବାରିପଦା-ଦେବଗଡ ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣରେ ଅହେତୁକ ବିଳମ୍ବ କରି କେନ୍ଦ୍ର ଓଡିଶାକୁ ଅବହେଳା କରୁଛି। କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ସଭାପତି ବିନାୟକ କର, ଜିଲା ବିଜେଡି ଉପସଭାପତି ରାଇସିଂ ବିଡିକା, ବି.ତିରୁପତି, ବରିଷ୍ଠ ନେତା ବ୍ରଜସୁନ୍ଦର ନାୟକ, ବିଜୁ ମହିଳା ଜନତା ଦଳ ଉପସଭାନେତ୍ରୀ ଶ୍ରୀମତି ସୁଜାତା ପାଳ, ବିଜୁ ଯୁବ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଅବିନାଶ ବିଶୋୟୀ, ରାୟଗଡା ପୌର ପରିଷଦର ନରଞ୍ଜନ ବକ୍ସିପାତ୍ର, କାହ୍ନୁଚରଣ ପାତ୍ର, ଭବାନୀକାନ୍ତ ସାହୁ ଓ ବିନାୟକ ପଲାଇ ପ୍ରମୁଖ ମଞ୍ଚାସୀନ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବାଇକ୍ ସହ ବନ୍ଧୁକ ଜବତ, ୨ ଗିରଫ

ବୁଗୁଡ଼ା,୧୮।୩(ଡି.ଏନ.ଏ.)

ବୁଗୁଡ଼ା ଥାନା କାନକୁଟୁରୁ ନିକଟସ୍ଥ ଶୁଳିଆ ପାହାଡ଼ ଜଙ୍ଗଲରେ ରବିବାର ମଧ୍ୟରାତିରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଘୋଳପୁର ଗ୍ରାମର ବିଧାନ ମଳିକ, ଲକ୍ଷ୍ମୀ ପାତ୍ର। ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ବାଇକ, ୬ଟି ଗୁଳି ଜବତ ହୋଇଛି। ଏ ନେଇ ନଂ. ୫୧/୧୯ରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ବିଧାନ ଓ ଲକ୍ଷ୍ମୀ ରାତିରେ ଶୁଳିଆ ପାହାଡ଼ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର କରିବାକୁ ଯାଉଥିବା ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିବା ସହ ବନ୍ଧୁକ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିଥିଲା।

## ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସ୍ୱାମୀ

ରାୟଗଡା ଅଫିସ୍, ୧୮।୩

ବିବାହର କିଛି ଦିନ ପରେ ଶ୍ୱଶୁର ଘର ଲୋକେ ମୋ ସ୍ତ୍ରୀଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ। ଦୁଇ ତିନି ଦିନ ପାଖରେ ରଖି ଛାଡିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ଏକ ମାସ ପୁରିବାକୁ ବିସଲାଣି। ଏଯାବତ୍ ସ୍ତ୍ରୀଙ୍କୁ ଛାଡୁ ନାହାନ୍ତି ବୋଲି କହିଛନ୍ତି ରାମକୃଷ୍ଣନଗରର ଏସ୍‌.କେ ସାରୀଫ୍। ସୋମବାର ଏସ୍‌ପି ଶ୍ରବଣ ବିବେକ୍ ଏମ୍‌ଙ୍କୁ ଭେଟି ସେ ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ଏସ୍‌.କେ ସାରିଫ୍ ଫେବୃୟାରୀ ୧୨ ତାରିଖରେ ରାୟଗଡା ସହରର ରାଣୀଗୁଡାଫାର୍ମ ଅଞ୍ଚଳରେ ରହୁଥିବା ଭି.କ୍ରିଷ୍ଣାଙ୍କ ଝିଅଙ୍କୁ ବିବାହ କରିଥିଲେ। ଉକ୍ତ ମାସ ୨୬ ତାରିଖରେ ଝିଅ ବାପା ଭି.କ୍ରିଷ୍ଣା, ଶାଶୁ ଭି.ଅନିତା ଝିଅକୁ ଘରକୁ ନେବାପାଇଁ ସରୀଫ୍‌ଙ୍କୁ କହିଥିଲେ। ଏହାପରେ ସରୀଫ୍ ସେମାଙ୍କ କଥା ରକ୍ଷାକରି ୩ଦିନ ପାଇଁ ସ୍ତ୍ରୀଙ୍କୁ ତାଙ୍କ ବାପ ଘରକୁ ଛାଡିଥିଲେ। ୩ଦିନ ପରେ ସାରୀଫ୍ ଶ୍ୱଶୁରଙ୍କୁ ଫୋନ କରି ସ୍ତ୍ରୀଙ୍କୁ ଛାଡିବାକୁ କହିଥିଲେ ମଧ୍ୟ ସେ ଆଉ କିଛି ଦିନ ରହିବେ ବୋଲି ଭି.କ୍ରିଷ୍ଣା କହିଥିଲେ। ଶ୍ୱଶୁର ଘର ଲୋକ ତାଙ୍କ ସ୍ତ୍ରୀଙ୍କୁ ନ ଛାଡି ଧମକ ଦେଉଥିବା ସାରୀଫ୍ କହିଛନ୍ତି। ମାର୍ଚ୍ଚ ୨ତାରିଖରେ ସରୀଫ୍‌ଙ୍କ ସ୍ତ୍ରୀ ଘରୁ ଲୁଚି କରି ଆସିବା ସମୟରେ ଶ୍ୱଶୁର, ଶାଶୁ, ଏମ୍‌.ଶ୍ରୀନୁ ଓ ଅନ୍ୟକେତେକ ବ୍ୟକ୍ତି ମିଳିତ ଭାବେ ଏକ କାର୍‌ରେ ଆସି ବସ୍‌ଷ୍ଟାଣ୍ଡ ନିକଟ ଟ୍ରାଫିକ୍ ଛକରୁ ତାଙ୍କୁ ଉଠାଇ ନେଇଥିଲେ। ସେମାନେ ତାଙ୍କୁ ନେଇ ଆନ୍ଧ୍ରପ୍ରଦେଶର କେଉଁ ଏକ ସ୍ଥାନରେ ରଖି ନିର୍ଯ୍ୟାତନା ଦେବା ସହ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରୁଥିବା କଥାକୁ ଭିଡିଓ ମ୍ୟାସେଜ କରି ସାରୀଫ୍‌ଙ୍କ ସ୍ତ୍ରୀ ତାଙ୍କ ନିକଟକୁ ପଠାଇଥିଲେ। ତେଣୁ ତାଙ୍କୁ ଉଦ୍ଧାରକରି ଆଣିବାକୁ ସାରୀଫ୍ ଲିଖିତ ଭାବେ ଏସ୍‌ପିଙ୍କୁ କହିଛନ୍ତି। ଝିଅର ପରିବାରବର୍ଗଙ୍କୁ ଡକାଇ ଉଭୟ ପରିବାରର ସଦସ୍ୟଙ୍କ ଉପସ୍ଥିତିରେ ମାମଲାର ସମାଧାନ କରିବାକୁ ଏସ୍‌ପି ରାୟଗଡ଼ା ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ଅଭିଯୋଗ ଜଣାଇବାକୁ ଆସିଥିବା ଏସ୍‌.କେ ସାରିଫ୍।

## ଉଷ୍ମ ହେଲା ନିର୍ବାଚନୀ ବାତାବରଣ

ଚନ୍ଦାହାଣ୍ଡି,୧୮।୩(ଡି.ଏନ୍‌.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ନିର୍ବାଚନ ବାତାବରଣ ସରଗରମ ରହିଛି । ଜିଲାରେ ଚନ୍ଦାହାଣ୍ଡି ବ୍ଲକ ତଥା ଝରିଗାଁ ନିର୍ବାଚନ ମଣ୍ଡଳୀରେ ୩ ହେଭିୱେଟ ରମେଶଚନ୍ଦ୍ର ମାଝି, ବଳଭଦ୍ର ମାଝି ଏବଂ ପ୍ରଦୀପ ମାଝିଙ୍କ ଘର ରହିଛି । କଂଗ୍ରେସ ତରଫରୁ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇ ନ ଥିଲେ ମଧ୍ୟ ଆଶାୟୀ ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝି ଏବଂ ବିଧାୟକ ପ୍ରାର୍ଥୀ ହଳଧର ମାଝି ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରି ଭୋଟରଙ୍କୁ ଭେଟିବାରେ ଲାଗିଛନ୍ତି । ଏପଟେ ସୋମବାର ବିଜେଡି ତରଫରୁ ୯ଟି ଲୋକସଭା ଏବଂ ୫୪ଟି ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ନବରଙ୍ଗପୁର ଲୋକସଭା ପାଇଁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ଉମରକୋଟ, ଡାବୁଗାଁ ଓ ନବରଙ୍ଗପୁର ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ବିଜେଡି ଘୋଷଣା କରିଛି। ଝରିଗାଁ ନିର୍ବାଚନ ମଣ୍ଡଳୀର କାହାକୁ ବିଜେଡି ପ୍ରାର୍ଥୀ କରିବ ତାହା ଦଳର ସଭାପତି ଝୁଲାଇ ରଖିଛନ୍ତି । ଝରିଗାଁ ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ମନ୍ତ୍ରୀ ରମେଶ ମାଝିଙ୍କ ସାନଭାଇ ଇଂ. ପ୍ରକାଶ ଚନ୍ଦ୍ର ମାଝିଙ୍କ ନାମ ଚର୍ଚ୍ଚା ହେଉଥିଲା। ସୋମବାର ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ନାହିଁ । ଏପଟେ ବିଜେଡି ଛାଡି ଏମ୍‌ପି ବଳଭଦ୍ର ମାଝି ଭାଜପାରେ ଯୋଗଦେଇଥିବା ବେଳେ ତାଙ୍କୁ ଦଳ ବିଧାୟକ କିମ୍ବା ଏମ୍‌ପି ଭାବରେ ଟିକେଟ ଦେବ ତାହା ଘୋଷଣା ହୋଇନାହିଁ। ଯଦି ବଳଭଦ୍ରଙ୍କୁ ଝରିଗାଁ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଟିକେଟ ପ୍ରଦାନ କରାଯାଏ ତେବେ ଲଢ଼େଇ ଜୋରଦାର ହେବ ବୋଲି ସୂଚନା ମିଳିଛି । ଯଦି ତାଙ୍କୁ ଲୋକସଭାରେ ଟିକେଟ ଦିଆଯାଏ ଜିଲାର ଭୋଟର ହେଭିୱେଟ୍‌ଙ୍କ ତ୍ରିମୁଖି ପ୍ରତିଦ୍ୱନ୍ଦ୍ୱିତା ଦେଖିବେ ବୋଲି ଭୋଟରଙ୍କ ମଧ୍ୟରେ ଆଲୋଚନା ହେଉଛି।

## ବିଏସ୍‌ପିର ବୈଠକ



ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ।

ବିଷମକଟକ, ୧୮।୩

ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ଅଧୀନ ଯାତ୍ରା ମଣ୍ଡପରେ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ର ଏକ ବୈଠକ ସୋମବାର କରାଯାଇଛି। ବିଏସ୍‌ପି ନେତା ଜିତୁ ଜାକେସିକା ଯୋଗଦେଇ ଭାଜପା, କଂଗ୍ରେସ ଓ ବିଜେଡି ଆଦିବାସୀ ଓ ଦଳିତଙ୍କ ଉନ୍ନତି ଚାହାନ୍ତି ନାହିଁ ବୋଲି କହିଥିଲେ। ତେଣୁ ଏଥର ବହୁଜନ ସମାଜବାଦ ପାର୍ଟିକୁ ଭୋଟ ଦିଅନ୍ତୁ ବୋଲି ଲୋକଙ୍କୁ କହିଥିଲେ। ଶତାଧିକ ଲୋକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁର୍ଗୀ ଠାରୁ ଭାଲେରୀ ପର୍ଯ୍ୟନ୍ତ ବାଇକ୍ ରାଲି କରିଥିଲେ ।

## ■ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ବଦଳିପାରେ ରାଜନୀତିର ଚିତ୍ରପଟ

ଗୁଣପୁର, ୧୮।୩(ଡି.ଏନ୍‌.ଏ.)

ରାୟଗଡା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀ ରାଜନୀତି ଏବେ ଘଡିକେ ଘୋଡା ଛୁଟିବାରେ ଲାଗିଛି। ବିଜେଡି ପ୍ରାର୍ଥୀ ଘୋଷଣା କରି ସାରିଥିବା ବେଳେ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରି ନାହାନ୍ତି। ଏହା ମଧ୍ୟରେ ସୋମବାର ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ ଦଳ ଛାଡିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା କେଉଁ ଦଳରେ ମିଶିବେ କି ସ୍ୱାଧୀନ ଭାବେ ଲଢିବେ ତାହା ସ୍ପଷ୍ଟ କରି ନାହାନ୍ତି। ତେବେ ବିଧାୟକଙ୍କ ଏହି ନିଷ୍ପତ୍ତି ଗୁଣପୁର ନିର୍ବାଚନ ମଣ୍ଡଳୀ ପାଇଁ ନୂତନ ସମୀକରଣ ସୃଷ୍ଟି କରିପାରେ।

ପୂର୍ବତନ ଜିଲା ଯୋଗାଣ ଅଧିକାରୀ ରଘୁନାଥ ଗମାଙ୍ଗଙ୍କୁ ସୋମବାର ବିଜେଡି ପ୍ରାର୍ଥୀ କରିଛି। ଭାଜପା ଏବଂ କଂଗ୍ରେସ ତାଙ୍କର ପ୍ରାର୍ଥ ଘୋଷଣା କରିନାହାନ୍ତି। କଂଗ୍ରେସ ପକ୍ଷରୁ ପୁରୁଷୋତ୍ତମ ଏକ ପ୍ରକାର ପ୍ରାର୍ଥୀ ହେବା ନିଶ୍ଚିତ ହୋଇ ପଡିଥିବାବେଳେ ଭାଜପାରେ ରାମମୂର୍ତ୍ତି ମୁଟ୍ଟିକା ଓ ରବିଶଙ୍କର ଗମାଙ୍ଗ ମଧ୍ୟରୁ କିଏ ପ୍ରାର୍ଥୀ ହେବ ବର୍ତ୍ତମାନ ସୁଦ୍ଧା ଦ୍ୱନ୍ଦ ଲାଗି ରହିଛି। ସେପଟ ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ଇସ୍ତଫା ପରେ ଗୁଣପୁର ନିର୍ବାଚନ ମଣ୍ଡଳୀ ପାଇଁ ନୂତନ ସମୀକରଣ ସୃଷ୍ଟି କରିଛି। ସେ ସ୍ୱାଧୀନଭାବେ ଲଢିବେ ନା ନୀରବ ରହିବେ। ଭାଜପା କିମ୍ବା ଅନ୍ୟ କୌଣସି ଦଳରେ ଲଢିବେ ଏପରି ଅନେକ ଆଶା ଆଶଙ୍କା ଭୋଟରଙ୍କ ମନରେ ରହିଛି। ଯଦି ସେ ଭାଜପାରେ ଯୋଗଦିଅନ୍ତି ତେବେ ୨୦୦୯ ଏବଂ ୨୦୧୪ ନିର୍ବାଚନର ପୁନରାବୃତ୍ତି ସୃଷ୍ଟି ହେବ କି ବୋଲି ଚର୍ଚ୍ଚା ହେଉଛି। ୨୦୦୯ ସାଧାରଣ ନିର୍ବାଚନରେ ବିଜେଡିରୁ ଆସି ଭାଜପାରେ ମିଶିଥିବା ଅଶ୍ୱିନୀ ଗମାଙ୍ଗଙ୍କୁ ଦଳ ଟିକେଟ ଦେଇଥିଲା। ଅଶ୍ୱିନୀ ୧୨,୨୪୦ ଭୋଟ ପାଇ ସେତେବେଳେ ୪ର୍ଥ ସ୍ଥାନରେ ରହିଥିଲେ। ଏହାପରେ ସେ ଭାଜପା ଛାଡି ପୁଣି ବିଜେଡିକୁ ଫେରି ଆସିଥିଲେ। ସେହିପରି ୨୦୧୪ ନିର୍ବାଚନରେ ଶେଷ ମୁହୂର୍ତ୍ତରେ ବିଜେଡିରେ ଥିବା ରାଜ୍ୟ ସମ୍ପାଦକ ତଥା ଗୁଣପୁର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ସେତେବେଳେ ସେ ଭାଜପାରୁ ପ୍ରାର୍ଥୀ ହୋଇ ୧୫,୫୧୬ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ପରେ ସେ ମଧ ଭାଜପା ଛାଡି ଏବେ ବିଜେଡି ଶିବିରରେ। ଭାଜପାରେ ଦୁଇ ଜଣ ପ୍ରାର୍ଥୀ ଲବିରେ ରହିଥିଲେ ମଧ ଦଳ ସେମାନଙ୍କ ମଧ୍ୟରୁ ବର୍ତ୍ତମାନ କାହାକୁ ପ୍ରାର୍ଥୀ କରିନି। ଯଦି ତ୍ରିନାଥ ଭାଜପାରେ ସାମିଲ ହୁଅନ୍ତି ଦଳ ତାଙ୍କୁ ପ୍ରାର୍ଥୀ କରୁଛି କି ନାହିଁ ଏବେ ତାହା ଦେଖିବା ବାକି ରହିଲା। ବିଜେଡି ଗୁଣପୁର ନିର୍ବାଚନ ମଣ୍ଡଳୀରେ ହ୍ୟାଟ୍ରିକ ଲକ୍ଷ୍ୟ ରଖିଥିବାବେଳେ ତ୍ରିନାଥ ଗମାଙ୍ଗଙ୍କ ଇସ୍ତଫା ଏହା ଉପରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ତ୍ରିନାଥଙ୍କ ଇସ୍ତଫା ପରେ ଦଳ ଭିତରେ ଯଦି ଗୋଷ୍ଠୀ କନ୍ଦଳ ଉପୁଜେ ତେବେ ପଞ୍ଚାୟତ ନିର୍ବାଚନ ଦଶା ଭୋଗିବାକୁ ପଡିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ୭୩୮୬ ଭୋଟ ବ୍ୟବଧାନରେ କଂଗ୍ରେସଠାରୁ ବିଜୟ ଲାଭ କରିଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଶକ୍ତି ବୃଦ୍ଧି ହୋଇଛି। ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୮ଟି ଜିଲା ପରିଷଦ ଜୋନରୁ ୩ଟିରେ ଭାଜପା, କଂଗ୍ରେସ ୪ ଏବଂ ବିଜେଡିକୁ ଗୋଟିଏ ଆସନ ମିଳିଥିଲା। ତେବେ ତ୍ରିନାଥ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ କିମ୍ବା ଭାଜପାରୁ ପ୍ରାର୍ଥୀ ହୁଅନ୍ତୁ, ନଚେତ୍ ଭାଜପାକୁ ସମର୍ଥନ କରନ୍ତୁ ଏ ସବୁଥିରେ ବିଜେଡିର ଖେଳ ବିଗିଡିବାର ଆଶଙ୍କା ସୃଷ୍ଟି କରିଛି। କାରଣ୨୦୦୪ରେ ଭାଜପା ବିଜେଡି ମେଣ୍ଟ ପ୍ରାର୍ଥି ବିରୋଧରେ ବିଜେଡିର ବିଦ୍ରୋହୀ ପ୍ରାର୍ଥି ଭାବେ ଅଶ୍ୱିନି ଗମାଙ୍ଗ ସ୍ୱାଧୀନ ଭାବେ ଲଢିଥିଲେ। ଫଳରେ ମେଣ୍ଟର ପ୍ରାର୍ଥି ଭାଜପାର ରାମମୂର୍ତ୍ତି ଗମାଙ୍ଗ ନିର୍ବାଚନରେ ପରାଜୟ ହେବା ସହ କଂଗ୍ରେସର ହେମା ଗମାଙ୍ଗ ବିଜୟୀ ହୋଇଥିଲେ। ଏପରି ରାଜନୈତିକ ସମୀକରଣ ମଧ୍ୟରେ ଆଗକୁ ଆଉ କଣ ସବୁ ଘଟିବାକୁ ଯାଉଛି ତାହାଏବେ ଦେଖିବାକୁ ବାକି ରହିଲା ।

## ■ ପ୍ରାଥମିକ ବିଦ୍ୟାଳୟକୁ ଉ.ପ୍ରା. ମାନ୍ୟତା ଦାବି

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ

ପାରଳାଖେମୁଣ୍ଡି, ୧୮।୩(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଘରୋଣୀ ପଞ୍ଚାୟତ ମାଖନପଲ୍ଲୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଦେଇଥିବା ପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, ମାଖନପଲ୍ଲୀ, କୁଜୁଣୀ, ଦାମପୁର, କହ୍ନେଇପଦର ଇତ୍ୟାଦି ଗ୍ରାମରେ




ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ସରକାରଙ୍କ ନୂତନ ନିୟମ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟଗୁଡିକ ବନ୍ଦ କରାଯାଇଛି । କେବଳ ମାଖନପଲ୍ଲୀ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ରହିଛି । ଏଠାରେ ମୋଟ ୨୦ଜଣ ପିଲା ପଢୁଛନ୍ତି। ଏହି ଅଞ୍ଚଳରୁ ୩୦ରୁ ଉର୍ଦ୍ଧ୍ୱ ପିଲା ୬ଷ୍ଠ ଓ ୭ମ ଶ୍ରେଣୀରେ ପଢିବା ପାଇଁ ଦୈନିକ ପ୍ରାୟ ୫କିମି ବାଟ ଚାଲିଚାଲି ଅନ୍ୟତ୍ର ଯାଉଛନ୍ତି। ଯାହାକି ସେମାନଙ୍କ ପକ୍ଷେ କଷ୍ଟସାଧ ହେଉଛି। ଯଦି ଏହି ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଯାନ୍ତା ତାହାହେଲେ ଗ୍ରାମର ପିଲାମାନେ ଉପକୃତ ହୁଅନ୍ତେ। ଏ ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଜଣାଇଲେ ମଧ ସୁଫଳ ମିଳିପାରିନାହିଁ । ତେଣୁ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଟି.ଲକ୍ଷ୍ମୀ, ଏନ୍‌.ଧନଲକ୍ଷ୍ମୀ, ଏନ୍‌.ବୁଧି. ଏନ୍‌.କୁମାରୀ ପ୍ରମୁଖ କହିଛନ୍ତି। ଯଦି ଦାବି ପୂରଣ ନ ହୁଏ ତେବେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

